GOVERNMENT OF INDIA
NATIONAL LIBRARY, CALCU
OK
Class No. 891.451
Book No. S 286
C. 1
N. L. 38.
MGIPC—S4—38 LNL/56—22-5-57—50,000.

ଲାଣ୍ଡ୍ରୀ-ବାହ୍ମା ।

ଶ୍ରୀ ଘନଶ୍ୟାମ ସାହୁଙ୍କ ଦ୍ୱାରା ରଚିତ
ଓ
ଦ୍ୱିତୀୟବାର ପ୍ରକାଶିତ ।

Printed by S. C. Roy.
ANGLO-SANSKRIT PRESS,
51, Sanskritola Lane, Calcutta.
1923.

ମୂଲ୍ୟ ୦/୯ ଛଅ ପଇସା ମାତ୍ର

ଲାଣ୍ଡୀ-ବାହା ।

ପାଠକ ମହୋଦୟ ! ବିଷୟଟି ପଢ଼ି ଲେଖକଙ୍କୁ ଯେତେଇଚ୍ଛା ଗାଳି ଦିଅନ୍ତୁ ତହିଁରେ କିଛି ଶୋଚନା ନାହିଁ, ଟିକିଏ ହସିଲେ ଶ୍ରମ ସାର୍ଥକ ମନେକରିବ ।

ଶୁଣ ହେ ସୁଜନ ଅପୂର୍ବ ବିଧାନ ପଧାନ ସାଇରେ ଘର । ଅଦେଇ ପଧାନ ସନ୍ତାନ ମଧ୍ୟରେ କାଣୀ ଝିଅଟିଏ ସାର ସେ ! ତାର ନାମଟି ଲଣ୍ଡୀ । ଅତି ବଡ଼ଗଣ୍ଡୀ ଦୁରୁଦଣ୍ଡୀ ସେ ।

ଦେଖ ପ୍ରଜାପତି ପଟ୍ଟବନ୍ଧ ହେଲା ବିଭାଯୋଗ ଗଲା ପଡି । କଳିଆକୁ ବର ଘଟଣା ହୋଇଲା କି କହିବି ପଦ ଯୋଡ଼ି ହେ । ଜନେ ସୁଜନେ ଶୁଣ । ଏତ ଲଣ୍ଡୀ ବିବାହ ପୁରାଣ ହେ । ୧ ॥

2052

ଯେତେ ଯେତେ ଦ୍ରବ୍ୟ ଖରଦ ହୋଇଛୁ କହ୍ନି
ତା କହିବ ଶୁଣ । ଅଜା ଅମଳର ପୁରୁଣା
କୋଳଥ ଜହ୍ନି ବୁଢ଼ା ବାଇଗଣ ସେ । ଯାହା
ମିଳେ ମାଗଣା । ସେହିସବୁ ହୋଇଅଛୁ କଣା ସେ ।।

ଅଳାବଳା ଶାଗ ଏକତ୍ର ହୋଇଛୁ ଗଇଣ
ଗୁଲୁଣ୍ଡା ଯେତେ । ବୁଢ଼ାକଲରିଗି ମିଶାମିଶି କରି
ଆଉ ମୁଁ କହିବ କେତେ ଲୋ । ଲଣ୍ଡୀ ବାଡ଼ା
ଖବର । ବୁଢ଼ୀ କରିଆଲୁ ବୁଢ଼ା ବର ଲୋ ।୬।।

ପୁଲେଇ ନାମି ମୋ ପଡ଼ିବା କାଟିଛୁ ଶୁଣ ତା
କାଟିବା ଛଟା । ବାଇଗଣରୁ ଯେ ଗୋପାଛଡ଼ାଇଛୁ
ସବୁ ଅଛୁ ଗୋଟା ଗୋଟା ଲୋ । ସେ ଯେ କଞ୍ଚା
କଦଳ । ଗୋପାଖୁଣ୍ଟା କଲ ଫାଳ ଫାଳ ଲୋ ।।

ଭଣ୍ଡାରୁଣୀ ନାମ ମଣ୍ଡୁଆପୁଲ ସେ ଅଲଗା
ପିନ୍ଧାଇ ଜାଣେ । ଉମ କାହୁଁ କାହୁଁ ପାଦ ଗୁଡ଼ି-
ପିଠି ପୁଲାପୁଲା କରି ହାଣେ ଲୋ । ରଙ୍ଗ ଅଲଗା
ଧରି । ବଡ଼େ ବୋଲେ ସବୁ ସବୁ କରି ଲୋ ।୮।।

IMPC0000000.4ORI

ଜଉଭିଷ ନାମ କହେଇ ନାୟକ ନାଅଛା
ତାର ବଢ଼ିଆ । କୁଷ୍ଟିଘର କହିବାକୁ ଅସ୍ତିଥିଲ
ପେଟ ଭିତର ପଡ଼ିଆ ହେ । ପାଞ୍ଜି ଦେଖି ଆସେ
ନା । ଏହୁ ଗାଁଆ ଜଉଭିଷ ସିନା ହେ । ୭ ॥

ବ୍ରାହ୍ମଣ ନାମଟି ଫକିର ନନା ସେ ଛତାଇ
ଦକ୍ଷିଣ ଓଲୁ । ସାଇପଡ଼ଶାକୁ ଯେତେବେଳେ
ଯାଏ ମାଡ଼ଖାଏ ଦୁଲୁଦୁଲୁ ହେ । ତାର ଗୁଣକୁ
ଜାଣି । ଲୁହା ଗଢ଼ି ଦେଉଥାନ୍ତି ପାଣି ହେ ॥

କାହା ଦ୍ୱାରେ ଯାଇ ଋଣଟି ମାଗଇ ଭୂନପଣ
ଟଙ୍କେ ଦିଅ । କାହାକୁ କହଇ ଧୂଆଁ ପତ୍ରଖାଡ଼ି ଦିଅ
ମହାଜନ ପୁଅ ହେ । ଟଙ୍କେ ଗାଲେ ଯାଚିବା ।
ଆଜ୍ଞ ଅମଲ କଣ୍ଟକ ବାବା ଏ । ୯ ॥

କଣ୍ଟ ମନ୍ତ୍ରରତ ଦରବେଟି ଶିକ୍ଷିଛୁ ଛପା ବହୁ
ଖଣ୍ଡେ କିଣି । ଗୁଣୁ ଗୁଣୁ କହି କି ମନ୍ତ୍ର ପଢ଼ଇ
କେହୁ ନ ପାରନ୍ତି ଶୁଣି ସେ । ଯେବେ ମନେ
ପଡ଼ଇ । ଝାଙ୍କେ ବଡ଼ପାଟିରେ ପଢ଼ଇ ସେ ॥

ବାହା ସରଞ୍ଜାମ ଯାହାକୁ ଯେତେ ସେ ରଖିଲେ
ଯତନ କରି । ବର ଆସିବାକୁ ଅନାଇ ରହିଲେ
ରାତି ହେଲା ଦଶପନ୍ଦର ସେ । ଆଉ ଦେଖା ତ
ନାହିଁ । ବରଜାତି ରହିଗଲେ କାହିଁ ସେ ॥

ଆହେ ସୁଜ୍ଞଜନ ଶୁଣ ଦେଇ ମନ ବର ବିଧା-
ନକୁ ଥୋକା । ହିଇଲଣ ସାର ସାଇରେ ତା
ଘର ନାମ ତାର ହରି ଲେଙ୍କା ହେ । ତାହା
ସଙ୍ଗତେ ଲକ୍ଷ୍ମୀ । ବାହାଲାଗି ପଡିଛୁ ଦରାଣ୍ଡି ହେ ॥

ପାନ ଖାଇ ଦାନ୍ତ ପଚିଲ ଅଛଇ କେମନ୍ତ
ସୁନ୍ଦର ଥାଏ । ହରି ଯେତେବେଳେ ଚାଲିଯାଉ-
ଥିବ ହସୁଥିବ ବାଟ ଘାଟ ରେ । ରୂପ ଅତି
ସୁନ୍ଦର । ହାଣ୍ଡି କଳା ହେବ ସାତପର ଲୋ ।୧୩

ଦଶହେବ ବୋଲି ଅତି ହରଷରେ ପୁଞ୍ଜି ଗୋଡ
ଫିଟାଇଲା । ଗୋଟି ଗୋଟି କରି ଉଠଅମଲରୁ
ପଇସା ପକାଇଥିଲା ସେ । ଏବେ ଫିଟିଲା ଜମା ।
ଆଗେ କିଣିଲା ନାଲିଆ ଜାମା ହେ । ୧୪ ॥

ବାହାସରଞ୍ଜାମ ଟିକଣା କରି ସେ ମୁକୁଟକୁ ଭୁଲି-ଥିଲା । ମାଳି ଦ୍ୱାରେ ଯାଇ ପ୍ରବେଶ ହୋଇଣ ମୁକୁଟ ତାକୁ ମାଗିଲା ହେ । ସେତ ବଡ଼ ରଙ୍ଗିଆ । ତାକୁ ପ୍ରହରେ କହିଲା ଠିଆ ହେ । ୧୫ ॥

ରଙ୍ଗିଆ କହଇ ଅରେ ହରି ଲେଙ୍କା ମୁକୁଟ ନେବୁ କାହାର । ବୋଲେ ହରି ଲେଙ୍କା ବିଭା ହେବ ମୁହିଁ ମୁକୁଟ ମୁଣ୍ଡକୁ ସାର ରେ । ଥିଲେ ମାଗିବ ସିନା । ବିଭାହେବ କି ମୁକୁଟ ବିନା ରେ ॥

ମାଳି ନାମ ଗୋଟି ରଙ୍ଗିଆ ଅଟଇ ଭପଟି ରଙ୍ଗିଆ ସେହି । ବୋଇଲାରେ ଓଲ ଫଗୁଣ ମାସରେ ବାହାଘ ପାଞ୍ଜି ରେ ନାହିଁ ରେ । ଯାଯା ଘରକୁ ଚୋର । ଅଗିଣରେ ହେବ ବାହାଘର ରେ । ୧୬ ।

ରଙ୍ଗିଆ ବଚନେ ଥକାମକା ହୋଇ ବସିଲା ପ୍ରହର ଦୁଇ । ଅଛି ପାଞ୍ଜି ଏବେ କି ଏମେ କରିଛୁ ମୋ ବାହା ସେଥିରେ ନାହିଁ ଲୋ । ଏବେ

ଭୁଆଡ଼େ ଯିବ । କେଉଁ ପରକାରେ ବାହା-
ହେବ ଲୋ । ୧୮ ॥

ଯା ହେବାର ହେଉ ପାଞ୍ଜିରେ ଯା ଥାଉ ଆଉ
ମୁଁ ଛାଡ଼ିବି ନାହିଁ । ଗୃହିଁ ଗୃହିଁ ଅଛି ଭ୍ରମର
ମେଞ୍ଚିଲ ତେବେ ବାହା ହେବ ମୁହିଁରେ ।
ପଛେ ମୁକୁଟ ଥାଉ । ପାଞ୍ଜି କଥା କହନା ଭୁ
ଥଉ ରେ । ୧୯ ।

ଭନ୍ତୁଁ 'ଭଜାଯାଇ ଭଣ୍ଡାରି ଡାକଇ ଆସ ଯିବ
ମୋର ଭୁଲେ । ଏ କଥା ଶୁଣିଣ ସବୁ ଭଣ୍ଡାରିଏ
ଠେଙ୍ଗାଧରି ଗୋଡ଼ାଇଲେ ହେ । ଭନ୍ତୁଁ ପଳାଇ-
ଗଲା । ଏହିପରି ହଟ୍ଟହଟ୍ଟା ହେଲା ହେ । ୨୦ ।

ଏହା ହାତ ଧରି ତାହା ଗୋଡ଼ ଧରି ସବୁ
ଭୁଣ୍ଡାଭୁଣ୍ଡି କଲା । ଏହିପରି ସବୁ ଯୋଗାଡ଼
କରନ୍ତେ ରାତି ଅଧବାଦ ହେଲା ହେ । ରାତି
ପାହୁଚ ନାହିଁ । ଏବେ ହରି ଯିବେ ବିଭା
ହୋଇ ହେ । ୨୧ ।

ଏମନ୍ତ ସମୟେ ହରିଇନ୍ଦର ଯେ ବାହାହେବାକୁ ବାହାରି । ଲୁଗାପଟା ସବୁ ଗଣ୍ଠିରି କରିଣ ଥୋଇଲା କାନ୍ଧ ଉପର ସେ । କେହି ସଙ୍ଗରେ ନାହିଁ । ଚାଲି ଯାଉଅଛି ଏକା ହୋଇ ସେ ॥

ଧୀରେ ଧୀରେ ଯାଇ ପ୍ରବେଶ ହୋଇଲା ଶଶୁର ଘର ଦୁଆରେ । ଜୋଇଁ ଆସିଲେଣି ଆସିଲେଣି ବୋଲି ଡାକ ଶୁଭିଲା ବାହାରେ ହେ । ଶଙ୍ଖ ବାଜିଉଠିଲା । ଲକ୍ଷ୍ମୀ ବାହା ହେଉଅଛି ଭଲ ହେ । ୨୩ ।

ଜାତି ଭାଇମାନେ ପହଞ୍ଚିଲେ ଆସି ଅଗଣାରେ ବାନ୍ଧିଣ ଓଢ଼ା । ଗାମୁଛା ଖଣ୍ଡିକ କାନ୍ଧରେ ପକାଇ ହାତରେ କପଡ଼ା ଛତା ହେ । ଆସି ପ୍ରବେଶ ହେଲେ । ଏକ ବଇଠ ସଭା କରିଲେ ହେ । ୨୪।

ସୁଜ୍ଞଜନମାନେ ମନ ସ୍ଥିରକରି ଶୁଣ ଦେଖ କର୍ମ କଥା । କେଉଁ ପରି ବଡ଼ ସାଧବ ବୋଲିଣ ବ୍ରାହ୍ମଣ ମନରେ ଚିନ୍ତା ହେ । ସେତ ଉଦାଇ

ଜଡ଼ା । ତାଙ୍କୁ ଶନ୍ତା ହେଲା ମନ୍ତ୍ରପଢ଼ା ହେ ।୨୫

ବର କନ୍ୟା ବେଶ ହୋଇଣ ପ୍ରବେଶ ହିଲ
ବେଦୀର ଉପରେ । ନାହାକ ବ୍ରାହ୍ମଣ ବୈଠିଣ
ବସିଲେ ହିଲ୍ଲଘର କଢବାରେ ସେ । ଯାହା
ପଢଲ ମନ । ମନ୍ତ୍ର ପାଠ କରନ୍ତି ବ୍ରାହ୍ମଣ ସେ ॥

ଓଁ ଉଁ ଉଁ ଉଁ ଉଁ ଉଁ ଉଁ
ଉଠିଯା ବର ତୁ ବାହେବ ମୁଁ

ଓଁ ଆଂ ଓଁ ଆଂ ଓଁ ଆଂ ଆ
ଅଧୁଷ ଥାଉଁ ଥାଉଁ ଘଇତାଙ୍କୁ ଖା

ଇନ୍ଦ୍ରସ୍ୟ ଶଚୀ ଯଥା ରାମେ ସୀତା ରାଣୀ
ହରିଲେଙ୍କାସ୍ତ୍ରୀ ତଥୈବଚ ଲକ୍ଷ୍ମୀ ଠାକୁରାଣୀ ।

ଭେଙ୍ଗରାଶିକୁ ବେଙ୍ଗରାଶି ହୋଇଛୁ ଯୁକତ
ଧ ଲୋ ତେମିଣି ତୁ ତେମଣାର ହାତ ।

ଓଁ ଆଂ ବୌଷଟ୍

ବଉଷଣ୍ଢ୍ କଥା ଶୁଣି ହରିଲେଙ୍କା କୋପଭର ହୋଇ ଉଠି । ବେଙ୍ଗା ଛମୁଣ୍ଡିଆ ଝିଣ୍ଟାକୁ ଉପାଡି ମନଇଚ୍ଛା ଗଲା ପିଟି ହେ । ହରିଲେଙ୍କା କହଇ । ବୋହୂଷଣ୍ଢ ହେବ କାହିଁପାଇଁ ରେ । ୧୭ ।

ବୋହୂ ଯେବେ ଷଣ୍ଢ ହେବରେ ଫକିରା ଭୁ ଥିବୁ କମାଇ ପୁଣି । ବୋହୂଷଣ୍ଢ ସଙ୍ଗେ ଫକିରା ଷଣ୍ଢ ମୁଁ କରିଦେବି ଏହିକ୍ଷଣି ରେ । ଏକା ଥରକେ ଯାଉ । ବୋଲି ବିଧା ମାରେ ଦାଉଁ ଦାଉଁ ରେ । ୧୮ ।

ଅନେକ ପ୍ରକାରେ ପ୍ରବୋଧି ଜ୍ୱାଇଁକି ଶାନ୍ତକରି ବସାଇଲେ । କି କଥା କହିବେ ବ୍ରାହ୍ମଣ ନାୟକ ଭୟରେ ପଳାଇ ଗଲେ ହେ । କିଆ ହୋଇଲା ଶେଷ । ଜାଭଙ୍ଗାଇ ପକାଇବେ ତ୍ରାସ ହେ ।୧୯

କଦଳୀ ପତର ଖଣ୍ଡେ ନାହିଁ ଦଢ଼ ସବୁତ ଯାଇଛୁ ଛିଡ଼ି । ସଭା ମଉଳିଲା ପତର ପଡିଲା ଲୁଣିଆ ଖାଇବେ କିପାଁ ସେ । ବଡ଼ଖୁସି ମନରେ

ଗ୍ରାସ ମିଳୁଛି କେତେ ବନରେ ହେ । ୩୦ ॥

ପରଶୁଣି ଏବେ ପର୍ବିବାଲୁ ଆସି ବାଟରେ
ହୋଇଲା ଦଣା । ସେ ବିସ କରିବ ତାଙ୍କୁ ତ
ଘୋଟିଛି ଅବନ ଅନ୍ଧାର କଣା ହେ । ସେ ତ
ଗଞ୍ଜାଇକ୍ଷିଆ । ଦମେ ହୁଙ୍କାଣିଛୁ ଉତ୍ତ୍ୱରହିଆ ହେ ॥

ଉଙ୍କ ସରସର ଛିବିସାପାଣି ଯେ ତଡଲା
ଦେଲା ଓଯାଡ଼ । ଡାଲ୍ପତରରେ ରହି ନପାରିଣ
ଚଳେ ମାଇଲା ଲହଣ୍ଡ ହେ । ଯାହା ପରଣି
ଗଲା । ଏବା ଛିଗି ସବୁ ନଷ୍ଟ କଲା । ୩୧ ।

ଛିଗି ଛିଗି ବର୍ଷ ପରଶିବା ବେଳେ କୃଷକ
ଦାଣ୍ଡରେ ଥିଲା । କୋପମାନ ହୋଇ ଗର୍ଜନ
କରିଣ ସଭାରେ ଆସି ପଶିଲା ହେ । ଗୋଡ଼ାଇଣ
ବିଦ୍ଧିଲା । ମନ ଇଚ୍ଛା ପେଟେ ଗ୍ରାସ କଲା ହେ ॥

ସଭାର ମଧ୍ୟରେ ଏକଜଣ ଥାଇ ବୋଇଲା
ରେ ଭାଇ ଶୁଣ । କାଳିଆ ସଣ୍ଢ ସବୁ ଖାଇଗଲା
ଏବେ କି କରିବା ପୁଣରେ ଏକ ଉପାୟ କର ।
ପରଶୁଣିକୁ ଦିଅ ପ୍ରହାର ରେ । ୩୨ ॥

ପରଷିଲ୍ଲବେଳେ ଖିଷି ଖିଷି କହୁ ସେ ଯେବେ
ନ ଭାବିଥାନ୍ତା । ଏଡ଼େ ମଗଦୁର ଥିଲା କି
ତାହାର ଷଣ୍ଢ଼ଠା ଆସି ଖାଆନ୍ତା ରେ । ଏଠୁଁ
ବଳି ଯାଆନ୍ତା । ଠେଙ୍ଗା ପାହାର ଖାଇଁ
ଥାଆନ୍ତା ରେ । ୩୫ ।

କେ ବୋଲଇ ଭାଇ ନାହିଁ ନାହିଁ ନାହିଁ ଶୁଣ
ମୁଁ କହୁଛୁ ଯାହା । ଘର ମାଲିକଙ୍କୁ ଏଠାକୁ
ଡାକିଣ ଦିଅ ବାଧା ଜଳଣ୍ଡିଆ ରେ । ସବୁ କହିଛୁ
ସେହୁ । ଖିଷି କରିଲ୍ଲ ସେ କାହିଁପାଇଁ ରେ ॥

କେ ବୋଲଇ ଭାଇ ତାହାର ନୁହଇ ମୁଁ ଯାହା
କହୁଛୁ ଶୁଣ । ଷଣ୍ଢ ଆମ୍ଭର ଆହାର ମାଇଲା
ତାହାର ଏ ଦୋଷ ଶୁଣ.ହେ । ଏକ ଉପାୟ
କର । ଯାଇ ସମସ୍ତେ ଷଣ୍ଢକୁ ଧର ହେ ।୩୭॥

କେ ବୋଲଇ ଭାଇ ମୋର ବୋଲ ଶୁଣ
କେ ବୋଲଇ ରହ ରହ । ମୋହଠାରେ
ଏକ ଉପାୟ ଅଛଇ ତୁମ୍ଭେମାନେ କିଛି ନୁହ

ରେ । କେହୁଁ ବୋଲଇ ଶୁଣ । ଥାଉ ତୁମ୍ଭ ଭଲଲୋକ ପଣ ରେ । ୩୮ ॥

ଏହିପରି ଛେଚ୍ଛାଛେଚ୍ଛି ହୋଇ ପୁଣି ଲଗା-ଇଲେ ମାଡ଼ଗୋଳ । କେ କାହାକୁ ବଧାଂପୁଡ଼ା ମାରୁଛି କାହାର ଫାଟେ କପାଳ ହେ । କେହି ଖଣ୍ଡିଆ ହୋଇ । କାନ୍ଦି ଘରକୁ ଗଲା ପଳାଇ ହେ । ୩୯ ॥

ଚାଉଳଭାଇଙ୍କର ଏ ସ୍ଥିତି ଦେଖିଣ ହରିଲେଙ୍କା ପଳାଇଲା । ଯାଇ ସେପାଖରେ ବରକୋରଡ଼ରେ ଭୟରେ ଲୁଚି ରହିଲା ହେ । ତାର ବୁଦ୍ଧି ତ ବଣା । ତତ୍ତ୍ୱ ବୁଝି କଲେ ମୁଣ୍ଡ କଣା ହେ ॥

ଲଶୀ ପାହ୍ର ଦଳ ପ୍ରକାଶ ହୁଅନ୍ତେ ଚିନ୍ତରଇ ମନେ ତାର । ଭାଇମାନେ ମୋର ଥାଉ କି କରିବେ ଏବେ ଯାଉଅଛୁ ଘର ଲୋ । ପଳାଇବି ଏଥର । ବାହାରିଲେ ଏଡେ ହରବର ଲୋ ॥

ପଳାଇ ଯାଇଣ ପ୍ରବେଶ ହୁଅନ୍ତେ ଗ୍ରାମରେ

ପଣ୍ଡରେ କେହୁ । ଏଡେଡନ ଭୁହୁ କାହୁ ଯାଇ ଥିଲୁ ହରିଲେଙ୍କା ବୋଲେ ମୁହିଁରେ । ଦଶ ଦେହ୍ନାକୁ ଗଲି । ଭହିଁ ଉପୁଜିଲା ଏଢ଼ ଜଳ ରେ । ୪୨ ॥

ଜାଭି ମାରି ବରଯାତ୍ରୀଙ୍କି ମାରିଲ ମରିଲା ଶଗୁର ଢୋକା । ଶାଗୁ ବୁଢ଼ୀ ମୋର ସଙ୍କେଇ କାନ୍ଦନ୍ତେ ସେ ପାଇଲ ହୁଇଧକ୍କା ରେ । ସମସ୍ତଙ୍କୁ ମାରିଲି । ଭରିଯାକୁ ଦେଇ ମୁଁ ଫେରିଲି ରେ । ୪୩ ॥

ବାଟରେ ଅସନ୍ତେ ଭରିଯା ହଜିଲା ମୁହିଁ ଛ ହୋଇଲି ଏକା । ଆସ୍ତୁ ବାହାଘର କରିବାକୁ ଗଲି ପାଞ୍ଜିରେ ନଥିଲା ଲେଖା ରେ । ଘନଶ୍ୟାମ କହିଲା । କଥା କାଲିକୁ ମନେରହିଲା ହେ ।୪୪

ସମାପ୍ତ ।

IMPERIAL

ବିଜ୍ଞାପନ ।

କଟକୀ ଦାନ୍ତଘଷା ତମାଖୁ ।

ଏଥିରେ ମୁଖ ଧୋଇକଲେ ଦନ୍ତ ପୋକକଟା ସରସୀ ଇତ୍ୟାଦି ଦନ୍ତର ନାନାବିଧ ପୀଡ଼ା ଦୂର ହୋଇ ଦନ୍ତଶକ୍ତ ହୁଏ ଓ ଥଣ୍ଡା ଯୋଗେ ଦନ୍ତମୂଳ ଫୁଲା ଏକାବେଳକେ ନଷ୍ଟହୁଏ । ଏହାଛଡ଼ା କଟକର ସମସ୍ତ ଓଡ଼ିଆ ପୁସ୍ତକ ମଧ୍ୟ ବିକ୍ରିୟ ହୁଏ ମୋଫସଲର ଗ୍ରାହକମାନେ ଭିଃ ପିଃ ପାର୍ଶେଲ ଦ୍ୱାରା ଘରେ ବସି ପାଇପାରିବେ । ଅଧିକ ମୂଲ୍ୟ ପୁସ୍ତକ କିମ୍ବା ତମାଖୁ ନେଲେ ଉଚିତ କମିଶନ ପାଇବେ । ଏହାଛଡ଼ା ମୋଫସଲ ଗ୍ରାହକଗଣ ଯେ କୌଣସି ଜିନିଷ ଚାହିଁବେ ପାର୍ଶେଲ ଦ୍ୱାରା ପାଇପାରିବେ । ଭିଃ ପିଃ ଦ୍ୱାରା କୌଣସି ଜିନିଷ ନେଲେ ଅଗ୍ରୀମ ଅର୍ଦ୍ଧେକ ମୂଲ୍ୟ ପଠାଇବେ ।

ଶ୍ରୀ ଘନଶ୍ୟାମ ସାହୁ

୪, ସାଗର ଦତ୍ତ ଲେନ, କଲିକତା ।